108 **I**

Total No. of Questions - **16**
Total No. of Printed Pages - **4**

Regd. No.

Part - II
ORIYA, Paper - I
(Second Language)

Time : 3 Hours **Max. Marks : 100**

Instructions to the candidates/ ନିର୍ଦ୍ଦେଶ : ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନୟ ଭାବରେ ଲେଖିବା ଉଚିତ। ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ।

1. **ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ।** 1x10=10

(କ) "ସତ୍ୟ ଆତ୍ମକଥା" କବିତା ଆଧାରରେ ପାଣ୍ଡବ ମାନଙ୍କ ସତ୍ୟ ନିଷ୍ଠାର ପରିଚୟ ପ୍ରଦାନ କର।

(ଖ) "ଛାଟ ପକାଇ କଲେ ଚିନ୍ତା" କବିତା ଅବଲମ୍ବନରେ କୃଷ୍ଣଙ୍କ ବାଲ୍ୟଲୀଳାର ବୈଶିଷ୍ଟ୍ୟ ବିଚାର କର।

2. **ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ।** 1x10=10

(କ) "ଅସୁର ଦୀଘି" ପ୍ରବନ୍ଧରେ ଫକୀରମୋହନ ସେନାପତିଙ୍କ ବର୍ଣ୍ଣନା ବୈଚିତ୍ର୍ୟ ଓ ଉପସ୍ଥାପନା ଶୈଳୀର ଚମତ୍କାରିତା ଉଲ୍ଲେଖ କର।

(ଖ) ପଠିତ ପ୍ରବନ୍ଧରେ ସମକାଳୀନ ଓଡିଶା ସଂପର୍କରେ ଲେଖକକିପରି ଆଲୋକପାତ କରିଛନ୍ତି ଉଲ୍ଲେଖ କର।

3. **ପୂର୍ବାପର ସଂପର୍କ ସୁଝାଇ କୌଣସି ଗୋଟିଏର ସରଳାର୍ଥ ଲେଖ।** 1x5=5

(କ) ଚଉଦିଗ ଚାହିଁ ମନରେ ଭାଳଇ ଲଲାଟରେ କର ମାରି। ଆହାରେ ଦାରୁଣ ଦଇବ ବିଧାତା କରିଗଲୁ ଏତେ ସରି।

(ଖ) ଭୁରୁ ନୟନ ଅଞ୍ଜନକୁ ଚାହିଁ ଖଞ୍ଜନ ମାନେ କୁରଙ୍ଗ ହୋ ଆମ୍ଭେ ମଲାଇଁ ବୋଲି ଡାକିଲେ ସ୍ୱନେ।

4. **ପୂର୍ବାପର ସଂପର୍କ ସୁଝାଇ କୌଣସି ଗୋଟିଏର ସରଳାର୍ଥ ଲେଖ।** 1x5=5

(କ) ପୁସ୍ତକ ମାନଙ୍କୁ ପ୍ରାଣହୀନ କେତୋଟି କାଗଜ ପୃଷ୍ଠାର ସମଷ୍ଟି ବୋଲି ଜ୍ଞାନ କରିବା ମନ୍ଦବୁଦ୍ଧିର ଲକ୍ଷଣ।

(ଖ) ଆଗାମୀ ବର୍ଷ ମାନଙ୍କରେ ବହୁରୋଗର ନିରାକରଣରେ ଜେନେଟିକ ଇଞ୍ଜିନିୟରିଂ ନୂତନ ଆଭିମୁଖ୍ୟ ଆଣିଦେବ ଏ ବିଶ୍ୱାସ ସମସ୍ତ ବିଜ୍ଞାନପ୍ରେମୀ ଜନସାଧାରଣଙ୍କର ଅଛି ।

5. **ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟ ମଧ୍ୟରେ ପ୍ରଦାନ କର ।** 4x2=8

(କ) କେଉଁ ଡାଳ ଧରି ପାରି ହୋଇଯିବ ବୋଲି କବି କେଉଁ ପ୍ରସଙ୍ଗରେ କହିଛନ୍ତି ।

(ଖ) ଅକ୍ଷୟ ତୂଣୀର କାହାର ? ଏହା କିଏ ତାଙ୍କୁ ଦେଇଥିଲେ ?

(ଗ) ଯଶୋଦା ଦାସୀ ମାନଙ୍କୁ ଡାକି କି ଆଜ୍ଞା ଦେଲେ ?

(ଘ) ଲାବଣ୍ୟବତୀର କେଶ ବର୍ଣ୍ଣନ କରି କାହାର କି ଅବସ୍ଥା ହେଲା ?

(ଙ) ପ୍ରେମର ମାଦକ କିପରି ?

6. **ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟ ମଧ୍ୟରେ ପ୍ରଦାନ କର ।** 4x2=8

(କ) ଜେମ୍ସଙ୍କ ମତରେ ଶିକ୍ଷାର ଲକ୍ଷ୍ୟ ଓ ସଫଳତା କେଉଁଥିରେ ନିହିତ ?

(ଖ) ଓଡିଆ ମାନେ କାହିଁକି ସ୍ମିତବକ୍ଷ ହୋଇଥାନ୍ତି ?

(ଗ) ଯଶୋଦା କାହା ସାଙ୍ଗରେ ଏବଂ କାହିଁକି ଝଗଡା କରିଛନ୍ତି ?

(ଘ) କଣ କଲେ ଓଡ଼ିଶା ଶକ୍ତିଶାଳୀ ଓ ଧନଶାଳୀ ରାଜ୍ୟରେ ପରିଣତ ହୋଇପାରିବ ?

(ଙ) ମଣିଷ ସମାଜକୁ ନିରୋଗ କରିବା ପାଇଁ ଜିନ୍ ର କେଉଁ ଭୂମିକା ରହିଛି ?

7. **ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର ।** 5x1=5

(କ) ତୁମ ପଠିତ କବିତାରେ ଧନଞ୍ଜୟ ବୋଲି କାହାକୁ କୁହାଯାଇଛି ?

(ଖ) "ଛାଟ ପକାଇ କଲେ ଚିନ୍ତା" କବିତାର କବି କିଏ ?

(ଗ) "ଉଡୁପ ବଦନୀ" – ଅର୍ଥ କଣ ?

(ଘ) ଜଳନ୍ତରର ରାଜା କାହାକୁ "କବିସୂର୍ଯ୍ୟ" ଉପାଧିରେ ଭୂଷିତ କରିଥିଲେ ?

(ଙ) ଭୀମଭୋଇ କେଉଁ ଧର୍ମାବଲମ୍ବୀ ଥିଲେ ?

8. **ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର ।** 5x1=5

(କ) "ଆମେରିକା ର ବିଶ୍ୱବିଦ୍ୟାଳୟ ମାନେ" ପ୍ରବନ୍ଧର ପ୍ରାବନ୍ଧିକ କିଏ ?

(ଖ) ଅସୁର ଦୀଘିରେ କେତୋଟି ଦୀପଦଣ୍ଡି ଥିଲା ?

(ଗ) "ମୋ ସମୟର ଭାରତ ଓ ଓଡ଼ିଶା" ପ୍ରବନ୍ଧଟି କାହିଁରୁ ଗୃହୀତ ?

(ଘ) " ଛ ମାଣ ଆଠଗୁଣ୍ଠ" ଉପନ୍ୟାସ ର ଲେଖକ କିଏ ?

(ଙ) ଡାକ୍ତର ଶୈଳେଶ୍ୱର ନନ୍ଦଙ୍କ ତୁମ ପଠିତ ପ୍ରବନ୍ଧ ?

198107-108

9. "ଦୂରପାହାଡ଼"- ଏକାଙ୍କିକାର ନାମକରଣର ସାର୍ଥକତା ପ୍ରତିପାଦନ କର। 1x10=10

କିମ୍ବା

ଏକ ସାର୍ଥକ ବ୍ୟଙ୍ଗାତ୍ମକ ଏକାଙ୍କିକା ଭାବରେ "ମକଦ୍ଦମା" ର ଆଲୋଚନା କର।

10. ତୁମ ଗ୍ରାମରେ ପାନୀୟ ଜଳର ଅଭାବ ଦୁର କରିବା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଆବେଦନ ପତ୍ରଟିଏ ଲେଖ। 1x5=5

କିମ୍ବା

ତୁମେ ଦେଖିଥିବା କୌଣସି ଏକ ଐତିହାସିକ ସ୍ଥାନର ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ।

11. (କ) ବଙ୍ଗଳାଶ୍ରୀ କିମ୍ବା ରାମକେରୀ ଛନ୍ଦର ଲକ୍ଷଣ ଲେଖି ଉଦାହରଣ ଦିଅ। 1x4=4

(ଖ) ଯମକ କିମ୍ବା ଉତ୍‌ପ୍ରେକ୍ଷା ଅଳଂକାରର ଲକ୍ଷଣ ଲେଖି ଉଦାହରଣ ଦିଅ। 1x4=4

12. **ଯେ କୌଣସି ତିନୋଟିର ସନ୍ଧି ବିଚ୍ଛେଦ କର।** 3x1=3

ଗ୍ରାମାଞ୍ଚଳ , ମନସ୍କାମନା , ସଜ୍ଜନ , ବିଦ୍ୟାଳଙ୍କାର , ସଦାନନ୍ଦ

13. **ଯେ କୌଣସି ତିନୋଟିର ବିଗ୍ରହ ବାକ୍ୟ ଲେଖି ସମାସର ନାମ ଲେଖ।** 3x1=3

ଭଲମନ୍ଦ , ନବରତ୍ନ , ପୁରୁଷୋତ୍ତମ , ପଙ୍କଜାତ , ନୀଳକଣ୍ଠ

14. **ଯେ କୌଣସି ତିନୋଟିର ଲିଙ୍ଗ ବଦଳାଅ।** 3x1=3

ବାଳ , ଗୁଡ଼ିଆ , ମାଷ୍ଟର , ପାଠୁଆ , ପତି

15. **ଯେ କୌଣସି ତିନୋଟିର ବିପରିତାର୍ଥ ବୋଧକ ଶବ୍ଦ ଲେଖ।** 3x1=3

ଅଲଣା , କୃପଣ , ମାନ , ସୁଲଭ , ଖାତକ

16. **(କ) ଯେ କୌଣସି ଚାରୋଟି ରୂଢ଼ିର ଅର୍ଥ ଲେଖି ବାକ୍ୟରେ ପ୍ରୟୋଗ କର।** 4x1=4

ଅନ୍ଧାରରେ ବାଡି ବୁଲାଇବା , ତିନି ପାଞ୍ଜିରୁ ଯିବା , ତୁଣ୍ଡ ବାଇଦ , ଆକାଶ କୁସୁମ , କାଠିକର ପାଠ , ହାତେ ମାପି ଚାଖଣ୍ଡେ ଚାଲିବା।

(ଖ) ପ୍ରଦତ୍ତ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ସଟକ ଉତ୍ତର ଲେଖ। 1x5=5

ବେଳ ମିଳୁନାହିଁ, ସୁଯୋଗ ଘଟୁନାହିଁ, ସମୟ ଉପରେ କିପରି ସକଳ ଦୋଷ ଢାଲିଦେଇ ଆମ୍ଭେମାନେ ନିଶ୍ଚିତ ହେଉଁ, କିନ୍ତୁ ବାସ୍ତବରେ କ'ଣ ଆମ୍ଭମାନଙ୍କୁ ସମୟ ମିଳେ ନାହିଁ? ସବୁବେଳେ କ'ଣ ଆମର କାମ ଲାଗି ଥାଏ ? ହସଖେଳ , କୌତୁକ , ବିବାଦ - ବିସମ୍ବାଦ , ଯୁକ୍ତିତର୍କ , ଅଥବା ବିତଣ୍ଡାରେ କ'ଣ ସମୟ କଟେ ନାହିଁ? ବେଳେ ବେଳେ ବସି ବସି ଜୀବନ ଦୂର୍ବିହ ହୁଏ , ତଥାପି



ଆମର ଆପତ୍ତି - ବେଳ ମିଳୁନାହିଁ । ପୁଣି ବିଶେଷରେ ସବୁ ଆପତ୍ତି ସତ୍‌କର୍ମର ଆବାହନ ବେଳେ । ଯାହା କରିବା ଉଚିତ୍ , ତାହା କେତେଜଣ କରିଥାନ୍ତି ? କେବଳ ଚଷୁ କୁଟିବା ଅନେକଙ୍କ ଅଭ୍ୟାସ । ଉଦ୍ଦେଶ୍ୟ ହୀନ କର୍ମରେ କ ଅଂଶ ନଷ୍ଟ ନ ହୁଏ ? ଆମ୍ଭମାନଙ୍କ କର୍ମରେ ଜୀବନର କି ଅଂଶ ନଷ୍ଟ ହୁଏ ? ଆମ୍ଭମାନଙ୍କୁ କର୍ମରୁ ଅନେକ ସମୟରେ ବୋଧ ହୁଏ - ସତେ ଅବା ଅନନ୍ତ ଜୀବନ ଆମ୍ଭମାନଙ୍କୁ ମିଳିଅଛି । ତଥାପି ଆମର ଆମେଣ - ଜୀବନ କି କ୍ଷୁଦ୍ର , କି ସାମାନ୍ୟ !

ପ୍ରଶ୍ନ :

(କ) ସମୟ ଉପରେ ଆମେ କିପରି ଦୋଷ ଢ଼ାଳି ଥାଉ ?

(ଖ) ମଣିଷ ବିତଣ୍ଡାରେ କିପରି ସମୟ କଟାଏ ?

(ଗ) କେଉଁ ସମୟରେ ମଣିଷ ବିଶେଷ ଆପତ୍ତି ଉଠାଇଥାଏ ?

(ଘ) ଜୀବନର ଅଧିକାଂଶ ସମୟ କିପରି ନଷ୍ଟ ହୋଇଥାଏ ?

(ଙ) ସମୟର ମୂଲ୍ୟ ବୁଝିନଥିବା ମଣିଷ ଜୀବନ ସଂପର୍କରେ କେଉଁ ଖିଆଲ ମନ୍ତବ୍ୟ ଦିଏ ?

108-101081

----------xx----------

108-101081

108-101081

